ଧରିତ୍ରୀ
DHARITRI

May 31-June 6, 2020 ₹ 2/-

# ଛୁଟିଦିନ




# ପେଟ ପାଇଁ ପେସା

ସମସ୍ତେ କିଛି ନା କିଛି ପେସାକୁ ଆପଣାନ୍ତି କେବଳ ପେଟ ଚାଖଣ୍ଡକ ପାଇଁ। ହେଲେ ଯେତେବେଳେ ପେସାରେ ସମସ୍ୟା ଆସେ, ଚାରିଆଡ଼ ଅନ୍ଧାର ଦେଖାଯାଏ। ଆଉ ମନକୁ ମନ ପେସା ବି ବଦଳିଯାଏ। ଯେମିତି ଘଟିଛି କଳାକାରମାନଙ୍କ କ୍ଷେତ୍ରରେ। କରୋନାର ପ୍ରହାରରେ ଏବେ କିଛି କଳାକାର କଳାକୁ ଛାଡ଼ି ଆପଣେଇଛନ୍ତି ଅନ୍ୟ ପେସାକୁ...

୩
ପ୍ରଚ୍ଛଦ ପ୍ରସଙ୍ଗ

ସିନେମା
୫






୮ ବ୍ୟାକ୍ ପେଜ୍

# ପେଟୁ ରାଜା



**ସା**ରା ପୃଥିବୀରେ ଖାଇବା ସଉକିନ ଲୋକଙ୍କ ସଂଖ୍ୟା କିଛି କମ୍ ନୁହେଁ। ହେଲେ କେହି କ'ଣ ଦିନକୁ ୩୫ କିଲୋର ଖାଦ୍ୟ ଖାଇପାରିବେ ? ଏମିତି କି ପହିଲମାନମାନେ ବି ଏତିକି ଖାଇପାରିବେ ନାହିଁ। କିନ୍ତୁ ବହୁ ବର୍ଷ ପୂର୍ବେ ଜଣେ ରାଜା କିନ୍ତୁ ଦିନକୁ ୩୫ କିଲୋର ଖାଦ୍ୟ ଖାଇ ହଜମ କରିଦେଉଥିଲେ। ଏହି ରାଜା ହେଉଛନ୍ତି ଗୁଜରାଟର ଷଷ୍ଠ ବାଦଶାହ ମେହମୁଦ ବେଗଡା। ସେ ୧୩ ବର୍ଷ ବୟସରୁ ଶାସନ ଭାର ସମ୍ଭାଳିଥିଲେ ଓ ୫୨ ବର୍ଷ ସଫଳତାର ସହ ଗୁଜରାଟରେ ଶାସନ କରିଥିଲେ। ତାଙ୍କୁ ତାଙ୍କ ବଂଶର ସବୁଠୁ ପ୍ରତାପୀ ରାଜା କୁହାଯାଉଥିଲା। ତାଙ୍କ ପ୍ରକୃତ ନାମ ହେଉଛି ମେହମୁଦ ଶାହ ପ୍ରଥମ। ତାଙ୍କୁ ବେଗଡା ଉପାଧି ଜୁନାଗଡର, ଗିରନାର ଓ ଚମ୍ପାନେର୍‌ର ଦୁର୍ଗ ଉପରେ ବିଜୟ ଲାଭ କରିବା ପରେ ମିଳିଥିଲା। ତାଙ୍କ ବ୍ୟକ୍ତିତ୍ୱ ବହୁତ ଆକର୍ଷକ ଥିଲା। ତେବେ ତାଙ୍କର ଆଉ ଏକ ବିଶେଷତ୍ୱ ତାଙ୍କୁ ବହୁତ ଅଲଗା କରୁଥିଲା। ତାହା ହେଉଛି ସେ ଗୋଟିଏ ଦିନରେ ପ୍ରାୟ ୩୫ କିଗ୍ରାର ଖାଦ୍ୟ ଖାଉଥିଲେ। ସକାଳ ଜଳଖିଆରେ ସେ ଏକ ବଡ଼ ଗିନା ମହୁ, ଏକ ବଡ଼ ଗିନା ଲହୁଣି ଏବଂ ୧୦୦-୧୫୦ କଦଳୀ ଖାଉଥିଲେ। ମୁଖ୍ୟ ଖାଦ୍ୟ ପରେ ସେ ୪.୬ କିଗ୍ରା ଚାଉଳରେ ତିଆରି ଖିରି ଡେଜର୍ଟ ଭାବେ ଖାଉଥିଲେ। ରାତିରେ ଦୁଇ ବଡ଼ ପ୍ଲେଟ ମାଂସ ପୂର ଦିଆ ସିଙ୍ଗଡା ତାଙ୍କ ବେଡ ପାର୍ଶ୍ୱରେ ରଖାଯାଉଥିଲା, ଯାହାକୁ ସେ ରାତିରେ ଭୋକ ହେଲେ ଖାଉଥିଲେ। ଦିନ ସାରା ସେ କିଛି ନା କିଛି ଖାଉଥିଲେ। ଏହାବାଦ୍ ସେ ସବୁଦିନ କିଛି ମାତ୍ରାରେ ବିଷ ବି ଖାଉଥିଲେ। ଫଳରେ ତାଙ୍କ ଶରୀର ବହୁତ ବିଷାକ୍ତ ହୋଇଯାଇଥିଲା। ଏମିତି କି ତାଙ୍କ ପୋଷାକକୁ କେହି ଛୁଉଁ ନ ଥିଲେ। ତାକୁ ପୋଡି ଦିଆଯାଉଥିଲା। କୁହାଯାଏ ମଶା ମାଛି ତାଙ୍କ ଶରୀରରେ ବସିଲେ ମରି ଯାଉଥିଲେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୩୧-ଜୁନ୍ ୬

**ମେଷ**: ସାମାଜିକ ସମ୍ମାନ, ବନ୍ଧୁଙ୍କ ସୁପରାମର୍ଶ, ନୂତନ କର୍ମାରମ୍ଭ, କାରବାରରେ ଉନ୍ନତି, ଲକ୍ଷ୍ୟହୀନ ଯାତ୍ରା, ଅର୍ଥ ସାହାଯ୍ୟ ପ୍ରାପ୍ତି, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ମନ ଭାରାକ୍ରାନ୍ତ ରହିବ, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ଟେନ୍‌ସନ କମିବ।

**ବୃଷ**: ଶାରୀରିକ ସୁସ୍ଥତା, ଚେଷ୍ଟାରେ ସଫଳତା, ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥ ଲାଭ, ବନ୍ଧୁଙ୍କ ପରାମର୍ଶ, ବନ୍ଧୁ ଭୁଲ୍ ବୁଝିବେ। ନୀତିଭ୍ରଷ୍ଟ ହେବେ, କାରବାରରେ ଲାଭ, ଆନୁଷ୍ଠାନିକ ପ୍ରଶଂସା, ବ୍ୟୟ ବୃଦ୍ଧି। ପ୍ରିୟଜନଙ୍କ ସାନ୍ନିଧ।

**ମିଥୁନ**: ସ୍ଥଗିତ କାର୍ଯ୍ୟାରମ୍ଭ, ଦୃଢ ନିଷ୍ପତ୍ତି ନେବେ, ସ୍ୱାସ୍ଥ୍ୟରେ ଉନ୍ନତି, ଅତୀତ ଘଟଣାର ସମୀକ୍ଷା, ବନ୍ଧୁଙ୍କ ପ୍ରତିଶ୍ରୁତି, ସମ୍ପର୍କ ଯୋଡିବେ, କଳା ସାହିତ୍ୟରେ ଉନ୍ନତି, ନିର୍ଭରଶୀଳ ହୋଇପାରନ୍ତି, ଦୂରଯାତ୍ରା, ସଞ୍ଚୟ ବୃଦ୍ଧି।

**କର୍କଟ**: ସମସ୍ୟା ରହିବ, ମାନସିକ ଅସୁସ୍ଥତା, କାମ ସ୍ଥଗିତ ହେବ, ଅନୁତପ୍ତ ହେବେ। ଅର୍ଥ ଲାଭ, ଦ୍ରବ୍ୟନଷ୍ଟ, ଅନିଦ୍ରାଜନିତ ପୀଡା, ଶୁଭ ଖବର। ଅପବ୍ୟୟ, ସହକର୍ମୀଙ୍କ ସହଯୋଗ, ପରିବହନରେ ଝଗଡା।

**ସିଂହ**: ସୁଖ ସମ୍ମାନ ପ୍ରାପ୍ତି, ରୋଗ ଉପଶମ ହେବ, ବିଚଳିତ ମନ, ଅଶୌଚ ଖବରରୁ ବିସ୍ମୟ, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, କରଜ କରିବେ, ବୁଝାମଣାରେ ତ୍ରୁଟି, ପାରିବାରିକ ସୌଖ୍ୟ।

**କନ୍ୟା**: ସୃଜନଶକ୍ତିର ବିକାଶ, ରଚନାତ୍ମକ କାର୍ଯ୍ୟ, ଅଫିସ୍ ଜଞ୍ଜାଳ, ବ୍ୟବସାୟରେ ପ୍ରତିବନ୍ଧକ, ମାନସିକ ଶାନ୍ତି ବ୍ୟାହତ, ଅଭିଳଷିତ ଫଳ ପ୍ରାପ୍ତି, ଆମୋଦ ପ୍ରମୋଦର ମଉକା।

**ତୁଳା**: ମାନସିକ ପ୍ରଫୁଲ୍ଲତା, ଦୂରଯାତ୍ରା, ଅନିଦ୍ରାଜନିତ କ୍ଳେଶ। ଅର୍ଥ ସଂକଟ, ସମସ୍ୟା ସୁଧୁରିବ, ବନ୍ଧୁବର୍ଗଙ୍କ ସହାନୁଭୂତି, କର୍ମ ମୁଖର ହେବେ। ଲକ୍ଷ୍ୟ ହାସଲ, ସୁଯୋଗ ପାଇବେ, ପ୍ରକାଶନରେ ସମସ୍ୟା, ପୈତୃକ ସମ୍ପତ୍ତିରେ ବିବାଦ।

**ବିଛା**: ଆତ୍ମବିଶ୍ୱାସ ବୃଦ୍ଧି, କର୍ମ ପ୍ରବଣତା, ସନ୍ଦେହଜନକ କାର୍ଯ୍ୟ, ପଡୋଶୀଙ୍କ ଅସହିଷ୍ଣୁତା, ଉଦର ରୋଗ, ଘରୋଇ କଳହ, ଅପ୍ରିୟ ସତ୍ୟରୁ ଅନର୍ଥ, ଧନହାନି, ଯାନ୍ତ୍ରିକତ୍ରୁଟି, ଯାତ୍ରାରେ ବିଳମ୍ବ, ଉନ୍ନତ ଚିନ୍ତା, ପରିଜନଙ୍କ ପ୍ରଶଂସା।

**ଧନୁ**: ପାରିବାରିକ ଶାନ୍ତି, ଅର୍ଥ ସମ୍ମାନ ଲାଭ, ମାନସିକ ସୁସ୍ଥତା, ଶୁଭ ଖବର ପାଇବେ, ସମ୍ପର୍କ ବୃଦ୍ଧି। ପାରିଶ୍ରମିକ କମିବ, ମନ ଉଦ୍‌ବେଗ ରହିବ, ଭାବପ୍ରବଣତା, ବ୍ୟବସାୟିକ ସଫଳତା, ଯାତ୍ରାରେ କାର୍ଯ୍ୟସିଦ୍ଧି, ସରକାରୀ ସାହାଯ୍ୟ।

**ମକର**: ନୂତନ ସମ୍ପର୍କ, ଅତିଥି ଚର୍ଚ୍ଚା, ଦୂରସ୍ଥାନକୁ ଯାତ୍ରା, ଅପବ୍ୟୟରୁ ମନସ୍ତାପ, ସ୍ୱାସ୍ଥ୍ୟରେ ସମସ୍ୟା, ଅପ୍ରିୟ ସତ୍ୟରୁ ମନାନ୍ତର, ଅପନିନ୍ଦା ପାଇବେ, ସୀମା ବିବାଦରୁ ମାମଲା, ପୂର୍ତ୍ତାଙ୍ଗ ନିର୍ମାଣରୁ ଖୁସୀ, ଅନୁସନ୍ଧାନରେ ସଫଳତା।

**କୁମ୍ଭ**: ନୂତନ ପ୍ରକଳ୍ପାରମ୍ଭ, ବନ୍ଧୁବର୍ଗଙ୍କ ସହାୟତା, ପାରିବାରିକ ସହମତି, ସନ୍ତାନଙ୍କ ବିଶୃଙ୍ଖଳା, କ୍ରନିକ୍ ରୋଗରେ ପୀଡା, ସମ୍ପର୍କରେ ନ୍ୟୂନତା, ଅବହେଳିତ କାମ, ବିଭିନ୍ନ ସୂତ୍ରରୁ ରୋଜଗାର, ଭ୍ରାତୃ ପ୍ରୀତି। ଭ୍ରମଣ ସୁଯୋଗ, କ୍ଳାନ୍ତି ଓ ଅବସାଦ, ଅଭିଳଷିତ ଫଳ।

**ମୀନ**: କାର୍ଯ୍ୟ ସିଦ୍ଧି, ପ୍ରତିଷ୍ଠିତ ହେବେ, ଆନୁଷ୍ଠାନିକ ପ୍ରଶଂସା, ମାନସିକ ବ୍ୟଥା, କର୍ମମୁଖର ହେବେ, ଯାତ୍ରାରେ ସଫଳତା। ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପ୍ରେରଣା, ସାହିତ୍ୟ ସଙ୍ଗୀତରେ ରୁଚି, ପାରିବାରିକ ସହଯୋଗ, ଆଶଙ୍କା ଦୂର ହେବ, ଆର୍ଥିକ ଉନ୍ନତି, ମନୋରଞ୍ଜନ।



## ତିନି ଫୁଟିଆ ପାଉଁରୁଟି

**ଭି**ଏତ୍‌ନାମର ଆନ ଜିଆଙ୍ଗ ପ୍ରାନ୍ତରେ ଏବେ କେତେକ ବୁଲା ବିକାଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। କାରଣ ତାଙ୍କ ସାଇକେଲ ପଛପଟେ ରହୁଛି ବିରାଟକାୟ ପାଉଁରୁଟି। ଉକ୍ତ ପାଉଁରୁଟିର ଉଚ୍ଚତା ପ୍ରାୟ ୧ ମିଟର ବା ୩ ଫୁଟ୍ ଏବଂ ଓଜନ ୩ କି.ଗ୍ରା.ରୁ ଊର୍ଦ୍ଧ୍ୱ। ଏହାକୁ ବଡ଼ ବଡ଼ ପ୍ଲାଷ୍ଟିକ ବ୍ୟାଗରେ ରଖାଯାଏ। ଏହାର ମୂଲ୍ୟ ୨.୧୪ ଡଲାର। ଏହା ଯେ କେବଳ ଦେଖିବାକୁ ବିରାଟକାୟ ଓ ଅନନ୍ୟ ତାହା ନୁହେଁ, ତା'ର ସ୍ୱାଦ ବି ବହୁତ ଭଲ । ଏଥିରେ ବଟର୍‌ର ଆସ୍ତରଣ ସହ ଭଲ ସ୍ୱାଦ ପାଇଁ ତିଳ ମଞ୍ଜି ବ୍ୟବହାର କରାଯାଏ। ୨୦୧୮ରେ ଫାମ୍ ଥି ବାକ୍ ନାମ୍ନୀ ଜଣେ ମହିଳା ନିଜର ଅବସର ସମୟରେ ଏହି ବିରାଟ ପାଉଁରୁଟି କରିବା ଆରମ୍ଭ କରିଥିଲେ। ପରେ ଏହାର ଚାହିଦା ବଢିଲା। ଏବେ ଏହା ଭିଏତ୍‌ନାମର ଆଉ ଏକ ପରିଚୟ ପାଲଟିଛି।

# ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ଲକ୍‌ଡାଉନ୍ ୱେଡିଂ'ରେ କିଛି ଭିନ୍ନ ସ୍ୱାଦର ବାହାଘର ବିଷୟରେ ପଢି ବହୁତ ଖୁସି ଲାଗିଲା । ସି' ଆଞ୍ଜେଲ ସାମୁଦ୍ରିକ ପ୍ରାଣୀ ସମ୍ପର୍କରେ ଜାଣିବାକୁ ପାଇଲି । 'ଗ୍ରନ୍ଥି ଦେଖାଏ' ସ୍ତମ୍ଭରୁ ଅନେକ ଅଜଣା କଥା ଜାଣି ହେଲା। ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ 'ଷଠୀଘର' ଲେଖାଟି ପଢି ମୋ ଆଖିରେ ଲୁହ ଆସିଗଲା । ସବୁପରେ ହାଃ ହାଃ, ବ୍ୟାକ୍ ପେଜ୍ ଆଉ କାର୍ଟୁନ୍ କର୍ନର ମତେ ବହୁତ ଭଲ ଲାଗୁଛି ।

*-ରାମଚନ୍ଦ୍ର ପ୍ରଧାନ, ସାନ୍ତରାପଲ୍ଲୀ , ଗଞ୍ଜାମ*

■ ଜାକଜମକରେ ନ ହେଲେ ବି ମାସ୍କ, ସାନିଟାଇଜର୍ ସହ ଲକ୍‌ଡାଉନ୍ ସମୟରେ ହୋଇଥିବା ଏହି ବିବାହ ନିଶ୍ଚୟ ସ୍ମୃତି ହୋଇ ରହିବ। ପ୍ରଚ୍ଛଦ ପ୍ରସଙ୍ଗରେ ବର୍ଣ୍ଣିତ ଏଭଳି ବିବାହ ପଢି ବହୁତ ଭଲ ଲାଗିଲା। ସିନେମା ପୃଷ୍ଠାରେ 'କଙ୍ଗନାଙ୍କ ବଦାନ୍ୟତା' ପାଠଟି ପଢି କଙ୍ଗନାଙ୍କ ପ୍ରତି ମୋର ସମ୍ମାନ ବଢିଗଲା। ମଡେଲ ମିରର୍‌ରେ ନିକିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ବହୁତ ମଜାଦାର ଥିଲା।

*-ଗଣେଶ ବାରିକ, ରମ୍ଭା, ଗଞ୍ଜାମ*

■ ସୃଜନ ପୃଷ୍ଠାର ଗପ ଓ କବିତା ବହୁତ ଭଲ ଲାଗିଲା। 'ଗ୍ରନ୍ଥି ଦେଖାଏ ସ୍ୱପ୍ନ'ରୁ ଅନେକ ଅଜଣା କଥା ଜାଣି ହେଲା। ବ୍ୟାକପେଜ୍‌ର 'ମୋଟା ଓଠ' ପାଠଟି ଭଲ ଲାଗିଲା। କାର୍ଟୁନ କର୍ନର ମଜାଦାର ଥିଲା।

*-ସୌଦାମିନୀ ମହାନ୍ତି, ଇଟାମାଟି, ନୟାଗଡ*

■ ସିନେମା ପୃଷ୍ଠାରେ 'ସୋନାକ୍ଷୀଙ୍କ ସେଲ୍ଫି ନିଶା', କଙ୍ଗନାଙ୍କ ବଦାନ୍ୟତା ପାଠ ଭଲ ଲାଗିଲା। ପ୍ରଚ୍ଛଦ ପ୍ରସଙ୍ଗଟି ଉଚ୍ଚକୋଟୀର ଥିଲା। ସୃଜନ ପୃଷ୍ଠାର ଗପ କବିତା ମନଛୁଆଁ ଥିଲା।

*-ମନୋଜ ସାମନ୍ତରାୟ, ଜଗନ୍ନାଥ ପ୍ରସାଦ, ବରଗଡ*

■ ହାଃ ହାଃ, ବ୍ୟାକ୍‌ପେଜ୍ ମୋର ବହୁତ ପ୍ରିୟ। ସିନେମା ପୃଷ୍ଠାରୁ ସେଲିବ୍ରିଟିଙ୍କ ବିଷୟରେ ଅନେକ କଥା ଜାଣି ହୁଏ। ତେଣୁ ତାକୁ ମୁଁ ଆଗ ପଢେ। ସି' ଆଞ୍ଜେଲ ନାମକ ସାମୁଦ୍ରିକ ଜୀବ ସମ୍ପର୍କରେ ପଢି ଆଶ୍ଚର୍ଯ୍ୟ ଲାଗିଲା।

*- ମନସ୍ୱିନୀ ପରିଡ଼ା, ରାଉରକେଲା*

■ ଛୁଟିଦିନର ସବୁ ପୃଷ୍ଠା ବେଶ୍ ନିଆରା। ତେଣୁ ପ୍ରତି ରବିବାର ମୁଁ ଏହାକୁ ଅପେକ୍ଷା କରି ରହିଥାଏ। ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମତେ ବହୁତ ଭଲ ଲାଗିଲା। ହାଃ ହାଃ ପଢି ମୁଁ ହସି ହସି ବେଦମ୍ ହୋଇଗଲି।

*- ରାଜେଶ ମହାକୁଡ, ରାୟଗଡା*

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ, ବ୍ୟାକ୍‌ପେଜ୍ ବହୁତ ଭଲ ଲାଗିଲା। 'ଗ୍ରନ୍ଥି ଦେଖାଏ ସ୍ୱପ୍ନ' ବିଷୟଟି ମୋ ପୁଅକୁ ବହୁତ ଭଲ ଲାଗିଲା। ହାଃ ହାଃ ମଜାଦାର ଥିଲା।

*-ଗୀତା ପଣ୍ଡା, ଆଳି, କେନ୍ଦ୍ରପଡା*

## ବିଶେଷ ଚିଠି



**କେ**ତେ ନୂଆନୂଆ କଥାରେ ଗୁନ୍ଥା
ସେ ଧରିତ୍ରୀ ଛୁଟିଦିନ।
ପ୍ରଚ୍ଛଦ ପ୍ରସଙ୍ଗ, ସିନେମା ଖବର,
ହସ ଭରିଦିଏ
ହାଃ ହାଃ ଓ କାର୍ଟୁନ କର୍ନର।
ସପ୍ତାହକ ଥରେ ସଦା ଆସୁଥାଅ
ସବୁ ଓଡ଼ିଆଙ୍କ ମନ ମୋହୁ ଥାଅ।

**-ସଂଗ୍ରାମ କେଶରୀ ସାହୁ**
**ଧୂଆମଡ଼ା, ଗଣିଆ, ନୟାଗଡ଼**

**ଧରିତ୍ରୀ ଛୁଟିଦିନ** ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



ରବି କୁମାର

# ପେଟ ପାଇଁ ପେସା

କିଏ ଚାକିରି କରେ ତ କିଏ ମୂଲଲାଗେ। କିଏ ମୁହଁରେ ରଙ୍ଗ ମାଖି ଅଭିନୟ କରେ ତ କିଏ ପୁଣି ନିହାଣ ହାତୁଡ଼ି ଧରି କାଠ କାମ କରେ। ସମସ୍ତେ କିଛି ନା କିଛି ପେସାକୁ ଆପଣାନ୍ତି କେବଳ ପେଟ ଚାଖଣ୍ଡକ ପାଇଁ। ହେଲେ ଯେତେବେଳେ ପେସାରେ ସମସ୍ୟା ଆସେ, କାମ କରିବାର କ୍ଷେତ୍ର ଅସନ୍ତୁଳିତ ହୋଇଯାଏ ସେତେବେଳେ ସିଧାସଳଖ ପେଟ ଉପରେ ପାହାର ପଡ଼େ। ଚାରିଆଡ଼ ଅନ୍ଧାର ଦେଖାଯାଏ। ଆଉ ମନକୁମନ ପେସା ବି ବଦଳିଯାଏ। ଲକ୍‌ଡାଉନ୍‌ରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ମନୋରଞ୍ଜନର ମାଧ୍ୟମ। ଲକ୍‌ଡାଉନ୍ ଏବେ କଳାକାରଙ୍କ ପେଟ ଉପରେ ପାହାର ପକେଇଛି। ଆଉ କେବେ ଦିନେ ମୁହଁରେ ରଙ୍ଗ ବୋଳି ଅନ୍ୟର ମନୋରଞ୍ଜନ କରୁଥିବା କଳାକାର ନିଜ ପରିବାର ଚଳେଇବା ପାଇଁ କଳାକୁ ଛାଡ଼ି ଅନ୍ୟ ପେସାରେ ନିଜକୁ ସାମିଲ୍ କରିଛନ୍ତି।

## ନିଜେ ବଞ୍ଚି ଅନ୍ୟ ପାଇଁ ସାହାରା ପାଲଟିଛନ୍ତି

ଲକ୍‌ଡାଉନ୍ ଯୋଗୁ ସବୁ ବର୍ଗର ସବୁ ସ୍ତରର ଲୋକ ପ୍ରଭାବିତ, ଯେଉଁଥିରୁ ବାଦ୍ ଯାଇନାହାନ୍ତି କଳାକାର। ସେମିତି ଜଣେ କଳାକାର ହେଲେ ହାସ୍ୟ ଅଭିନେତା ରବି କୁମାର। ସେ ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ହାସ୍ୟ ଅଭିନେତା ଭାବରେ କାମ କରି ଲୋକଙ୍କ ହୃଦୟ ଜିତିଛନ୍ତି। ଚଳଚ୍ଚିତ୍ର ହେଉ କି ଟେଲିଭିଜନ, ମୁହଁରେ ରଙ୍ଗମାଖି ଦର୍ଶକଙ୍କୁ ବେଦମ୍ ହସାଉଥିବା ରବି କୁମାର ଏବେ ଗ୍ରାହକଙ୍କୁ ହସାଉଛନ୍ତି। କାରଣ ଲକ୍‌ଡାଉନ୍‌ରେ ରବି ଆପଣେଇ ନେଇଛନ୍ତି ପରିବା ବ୍ୟବସାୟ। ଲକ୍‌ଡାଉନ୍‌ରେ ଯେତେବେଳେ ହଠାତ୍ ଶୁଟିଂ ବନ୍ଦ ହେବାର ନିଷ୍ପତ୍ତି ନିଆଗଲା କଳାକାରମାନେ ଖାଲି ହାତରେ ଫେରିଗଲେ ଘରକୁ। ଯାହା ବାକି ପଇସା ରହିଗଲା ସେତକ ବି ତାଙ୍କୁ ମିଳିଲାନାହିଁ। ଘରେ ଆଠ ଦଶ ଦିନ ବସିବା ପରେ ରବି ଚିନ୍ତାକଲେ କ'ଣ କରିବେ? କାହିଁକି ନା ପାଖରେ କିଛି ସଞ୍ଚୟ ନ ଥିଲା। ଏପଟେ ବାପା, ମାଆ, ସ୍ତ୍ରୀ, ସାନଭାଇ, ପୁଅ, ଝିଅ ପୁଣି ପୁତୁରା ଝିଆରୀ। ଘର ଚଳେଇବା ପାଇଁ ରବି ପ୍ରଥମେ ଅଣ୍ଡା ବେପାର କଥା ଚିନ୍ତାକଲେ। ଆଉ କଲେ ମଧ୍ୟ। କିନ୍ତୁ ସେମିତି କିଛି ରୋଜଗାର ହେଲାନାହିଁ। ତେଣୁ ଅଣ୍ଡା ସହିତ ପରିବା ଓ ଛତୁକୁ ମିଶାଇଲେ। ବଳଙ୍ଗା ଓ ପିପିଲି ଯାଇ ପରିବା ଆଣନ୍ତି। ଅବଶ୍ୟ ଛତୁଚାଷୀମାନେ ଛତୁ ଆଣି ରବିଙ୍କୁ ଘରେ ଦେଇ ଦେଇଯାଆନ୍ତି। ପ୍ରଥମେ ପ୍ରଥମେ ନୂଆଗାଁ ରାସ୍ତାକଡ଼ରେ ବସି ପରିବା ବିକୁଥିଲେ। କିନ୍ତୁ ଲକ୍‌ଡାଉନ୍ ଯୋଗୁ ଗ୍ରାହକ ବେଶି ଆସିଲେ ନାହିଁ। ଏପଟେ ପରିବା ବି ଶୁଖି ଯାଉଥିଲା। ତେଣୁ ଚିନ୍ତାକଲେ ଘର ଘର ବୁଲି ପରିବା ବିକିବେ। ରବି ଯେତେବେଳେ ପରିବା ଧରି ବିକିବାକୁ ଗଲେ ଅନେକେ ଭାବିଲେ, ବୋଧେ ଶୁଟିଂ ପାଇଁ ଆସିଛନ୍ତି। ଆଉ ପ୍ରକୃତ କଥା ଜାଣିବା ପରେ ଲୋକମାନେ ଖୁବ୍ ଖୁସିରେ ପରିବା କିଣିଲେ। କିନ୍ତୁ ଅନୁରୋଧ କଲେ, ଆମେ ଲକ୍‌ଡାଉନ୍‌ରେ ରହି ବୋର ହେଲୁଣି। ଟିକେ ଡାଏଲଗ୍ କହି ମିମିକ୍ରି କରନ୍ତୁ। ରବି ଏମିତି ଲୋକଙ୍କୁ ହସାଇ ହସାଇ ପରିବା ବିକ୍ରି କରନ୍ତି। ଏମିତିରେ ବେଶ୍ ଭଲ ଦି'ପଇସା ହେଲା। ଏଇଥିରୁ ରବି ନିଜ ପରିବାର ଚଳାଇବା ସହ କିଛି ଅସହାୟ ଲୋକଙ୍କୁ ସାହାଯ୍ୟ କଲେ। ସକାଳେ ଓ ସନ୍ଧ୍ୟାରେ ପରିବା ତଥା ଛତୁ ବିକ୍ରି କରିବା ଭିତରେ ରବି ନଜର ରଖନ୍ତି ଯେ, କେଉଁମାନେ ଅସୁବିଧାରେ ଅଛନ୍ତି ଆଉ ଘର ପାଇଁ କିଛି କିଣି ପାରୁ ନାହାନ୍ତି। ତା' ପରଦିନ ସେ ଯାଇ ସେମାନଙ୍କୁ କିଛି ଗ୍ରସେରି ଦେଇ ଆସନ୍ତି। ରବିଙ୍କ ପରିବା ବିକିବା ଦେଖି କେହି କେହି ଆଗେଇ ଆସିଛନ୍ତି ତାଙ୍କୁ ସାହାଯ୍ୟ କରିବା ପାଇଁ। ହେଲେ ରବି ବିନମ୍ରତାର ସହ ମନା କରିଦେଇଛନ୍ତି। କହିଛନ୍ତି, ଏଇ ସାହାଯ୍ୟ ସେଇମାନଙ୍କୁ ଦିଅନ୍ତୁ, ଯେଉଁମାନେ ମୋଠାରୁ ବି ଅଧିକ ଅସୁବିଧାରେ ଅଛନ୍ତି। କାମ କରିବାର ଶକ୍ତି ମୋ ପାଖରେ ଅଛି। ମୋ ଗୋଡ଼ହାତ ଚଳୁଛି। ତେଣୁ କାହାର ସାହାଯ୍ୟ ନେବାକୁ ମୁଁ ଉଚିତ ଭାବୁନି। ଯେ ପର୍ଯ୍ୟନ୍ତ ଶୁଟିଂ ବନ୍ଦ ଅଛି ମୁଁ ଏପରି ଭାବରେ ମୋ ପରିବାର ଚଳାଇବା ସହିତ ଅସହାୟମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବି।



ଜ୍ଞାନ



ସାଗରିକା

## ବ୍ୟାଡ୍‌ମ୍ୟାନ୍ ଏବେ ୱେଲ୍ଡର

ଓଡ଼ିଆ ଯାତ୍ରା ଜଗତର ଜଣେ ଜଣାଶୁଣା ବ୍ୟାଡ୍‌ମ୍ୟାନ୍ ବା ଖଳନାୟକ ହେଉଛନ୍ତି ଜ୍ଞାନ। ନିଆରା ସଂଳାପ କହିବାର ଶୈଳୀ ତଥା ନିଆରା ଅଭିନୟ ପାଇଁ ସେ ବହୁ ଦର୍ଶକଙ୍କର ପ୍ରିୟ। ତେବେ କୋଭିଡ୍ ୧୯ ପାଇଁ ଯାତ୍ରା ବନ୍ଦ ଥିବାରୁ ଆଉ ଜ୍ଞାନଙ୍କ ସଂଳାପ ଯାତ୍ରା ମଞ୍ଚରେ ଶୁଣିବାକୁ ମିଳୁନାହିଁ। ଯାତ୍ରା ବନ୍ଦ ହୋଇ ଯାଇଥିବାରୁ ରୋଜଗାର ବି ବନ୍ଦ ହୋଇଯାଇଛି। ଆଉ କିଛି କାମଧନ୍ଦା ନାହିଁ। ସେଥିଲାଗି ଜ୍ଞାନ ଏବେ ନିଜ ପରିବାର ସହିତ ମିଶି ୱେଲ୍ଡିଂ କାମ କରିବା ଆରମ୍ଭ କରିଦେଇଛନ୍ତି। ପୂର୍ବରୁ ସେ ରେଙ୍ଗାଲିରେ ଆଇଟିଆଇ କରିଥିଲେ। ତେଣୁ ତାଙ୍କର ୱେଲ୍ଡିଂ ବିଷୟରେ ଦକ୍ଷତା ରହିଥିଲା। ସେ ଜଣେ ଦକ୍ଷ ୱେଲ୍ଡର ମଧ୍ୟ। ତାଙ୍କ ବାପାଙ୍କର ଏକ ୱେଲ୍ଡିଂ ଦୋକାନ ଅଛି। ସେଠାରେ ତାଙ୍କର ଅନ୍ୟ ଭାଇମାନେ ୱେଲ୍ଡିଂ କାମ କରନ୍ତି। ଜ୍ଞାନ ଏବେ ସେଇଠି ନିଜକୁ ନିୟୋଜିତ କରିଛନ୍ତି। ତାଲାବନ୍ଦୀ ସମୟଟିକୁ ସେ ୱେଲ୍ଡିଂ କରି ବିତାଉଛନ୍ତି। ଆଉ ଏଥିରେ ସେ ବେଶ୍ ଖୁସି ବି ଅଛନ୍ତି। ଜ୍ଞାନ କହନ୍ତି, ''ପେଟ ପୋଷିବା ପାଇଁ କାମ କରିବାରେ ଅସୁବିଧା କିଛିନାହିଁ। ଆମେ କଳାକାର। ଏବେ କଳାକ୍ଷେତ୍ର ବନ୍ଦ ଅଛି। ତେଣୁ ବସିବି କ'ଣ ପାଇଁ?'' ଖୁବ୍‌ଶୀଘ୍ର ସରକାର ତାଙ୍କ କଥା ଶୁଣିବେ। ଆଉ ଖୁବ୍‌ଶୀଘ୍ର କଳା ଜଗତ ପୁଣି ଚଳଚଞ୍ଚଳ ହେବ ବୋଲି ଆଶାବାଦୀ ଅଛନ୍ତି ଜ୍ଞାନ।

## ସାହାରା ଦେଉଛି ଛତୁଚାଷ

ସାଗରିକା ବିଶୋଇ ଓରଫ୍ ପିଙ୍କି। ଘର କଟକ ପଦ୍ମପୁର। ଯାତ୍ରା ଜଗତର ଜଣେ ପରିଚିତ ନାଁ। ପଜିଟିଭ୍ ନେଗେଟିଭ୍ ଆଦି ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ବାହାବା ସାଉଁଟୁଥିବା ସାଗରିକା କେବଳ ଖୁସି ପାଇଁ ଅଭିନୟ କରୁ ନ ଥିଲେ। ଏଇଥିରେ ହିଁ ତାଙ୍କର ପରିବାର ଚଳୁଥିଲା। ମା' ବାପାଙ୍କ ମୃତ୍ୟୁ ପରେ ଅଭିନୟ କରି ପୂରା ପରିବାରର ଦାୟିତ୍ୱ ନିଜ ଉପରକୁ ନେଇ ଯାଇଥିଲେ ସାଗରିକା। ଘରେ ଭାଇ ଭଉଣୀ ଆଉ ଭାଉଜ। ଭାଇର ଗୋଟିଏ ଛୋଟିଆ ପାନ ଦୋକାନ। ଯାତ୍ରା ରୋଜଗାରରେ ଯାହା ଯେମିତି ସୁରୁଖୁରୁରେ ଚଳି ଯାଉଥିଲା ପରିବାର। ହେଲେ କରୋନା ପାଇଁ ମାର୍ଚ୍ଚ ୧୫ରେ ବନ୍ଦ ହୋଇଗଲା ଯାତ୍ରା। ଘରକୁ ଫେରିଲେ କଳାକାର। ମାଲିକମାନେ ବି କଳାକାରଙ୍କୁ ପଇସା ଦେଇପାରିଲେନି। ସାଧାରଣତଃ ଏହି ସମୟ ଭିତରେ ମାଲିକମାନେ ପଇସା ଆଡଭାନ୍ସ ଦେଇଥାନ୍ତି। କିନ୍ତୁ ଏଥର ଦେଇପାରିଲେନି। କଳାକାରମାନେ ଖାଲି ହାତରେ ଫେରିଲେ ଘରକୁ। ଯାହା ପଇସା ଥିଲା ଅଳ୍ପଦିନ ପାଇଁ। ତା'ପରେ କେମିତି ଘର ଚଳିବ ସେଇ ଚିନ୍ତାରେ ରହିଲେ ସାଗରିକା। ବହୁ ଭାବିଚିନ୍ତି ଆରମ୍ଭ କଲେ ଛତୁଚାଷ। ଭାଇଙ୍କର ଦୋକାନ ବନ୍ଦ ଥିବାରୁ ସେ ବି ଏଥିରେ ସାହାଯ୍ୟ କଲେ। ଭାଇଭଉଣୀ ମିଶି ଏବେ ଛତୁ ଚାଷରେ ପୂରା ସମୟ ଦେଉଛନ୍ତି। ନଡ଼ା କାଟିବା, ଭିଜାଇବା ଆଦି ବିଭିନ୍ନ କାମ ଏଥିରେ ରହୁଛି। ଥରେ ଛତୁ ବେଡ୍ ପକାଇବା ପରେ ଛତୁ ବାହାରିବାକୁ ପ୍ରାୟ ୧୫ ଦିନ ଲାଗେ। ଆଗକୁ କ'ଣ ଛତୁ ଚାଷ ଜାରି ରଖିବେ କି ପ୍ରଶ୍ନରେ ସାଗରିକା କୁହନ୍ତି, ଅଭିନୟ ମୋ ଜୀବନ। ଅଭିନୟକୁ ଏ ଜୀବନରେ କେବେ ଛାଡ଼ି ପାରିବିନି। କିନ୍ତୁ ଯାତ୍ରା କେବେ ଆରମ୍ଭ ହେବ କେହି କହିବା ସମ୍ଭବ ନୁହେଁ। ତେଣୁ ଯେ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ ନ ହୋଇଛି ଏହି କାମରେ ମନୋନିବେଶ କରିବି। ଯଦି ଛତୁ ଚାଷରୁ ଭଲ ରୋଜଗାର ହେଲା ଭାଇ ଦୋକାନ ନ କରି ଏଥିରେ ଅଧିକ ସମୟ ଦେବ ବୋଲି ଆମେ ଚିନ୍ତା କରିଛୁ। ପରିବାର ଚଳେଇବା ପାଇଁ ପଇସା ଦରକାର। ତେଣୁ ଯେ କୌଣସି ଉପାୟରେ କାମ କରିବାକୁ ପଡ଼ିବ। ଆଗକୁ ମୁଁ ଅଭିନୟ କଲେ ବି ଯେବେ ଘରକୁ ଆସିବି ସମୟ ମିଳିଲେ ଏହି ଛତୁ ଚାଷରେ ସମୟ ଦେବି ବୋଲି ଭାବୁଛି।



# ମଣିଷ

–ଦେବେନ୍ଦ୍ର କର

ସକାଳୁ ସକାଳୁ ଦାଣ୍ଡ ରାସ୍ତାରେ ପୁଅ ପେପରବାଲା ସାଙ୍ଗରେ ଦୁଃଖସୁଖ ହେଉଥାଏ । ଏଇ ସମୟରେ ବାପା ଘରଭିତରୁ ଡାକ ପକେଇଲେ କ'ଣ ସମୟ ଜଣାପଡୁନି ନା ଆଉ କିଛି କାମଧନ୍ଦା ନାହିଁ। ଖବରକାଗଜଟା କାଖରେ ଗେଞ୍ଜି ପୁଅ ତରବରିଆ ଧାଇଁ ଆସିଲା ଘର ଭିତରକୁ। ବାପା ବସିଥିଲେ ଦାଣ୍ଡଘର ଚେୟାରରେ। ରାଗିଲା ରାଗିଲା ମୁହଁ ହାତରେ ଥିଲା ଗରମ ଚା କପ୍‌ଟା। ବାପାଙ୍କ ସାମ୍ନା ଟେବୁଲ ଉପରେ ପୁଅ ଚୁପକିନା ଖବରକାଗଜ ଟା ରଖିଦେଲା। ଚା କପ୍‌ଟା ଟେବୁଲ ଉପରେ ରଖୁ ରଖୁ ବାପା କହି ଉଠିଲେ କାହା ସହିତ କଥା ହେବା କଥା କାହା ସାଙ୍ଗରେ ନୁହେଁ ତତେ କ'ଣ ଶିଖେଇବାକୁ ପଡିବ। ମଣିଷ ମଣିଷ ଭିତରେ ଫରକ ଦେଖ। ସମସ୍ତେ ଯଦି ସମାନ ହୋଇଯିବେ ଏ ଦୁନିଆ ଆଉ ରୁହନ୍ତାନି। ମୁଁ ଭଲ ପାଇଁ କହୁଛି ଏବେ ବିଚାର କରିବା ତୋ ଉପରେ ନିର୍ଭର। ବାପାଙ୍କ କଥାରେ ରୋକ ଲଗାଇ ପୁଅ କହିବାକୁ ଲାଗିଲା ବାପା ଟିକେ ବୁଝିବାକୁ ଚେଷ୍ଟା କର। ପେପରବାଲା ଭାଇଙ୍କ ସହିତ ମୁଁ ଘରଭଡା ବିଷୟରେ କଥା ହେଉଥିଲି। ଆମ ଘରମାଲିକ ଦୁଇମାସ ହେବ ଘର ଖାଲି କରିବା କଥା କହିଲେଣି ହେଲେ ଆମେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଘର ଠିକ୍ କରିପାରିନୁ। ପୁଅ କଥାରେ ପୂର୍ଣ୍ଣଚ୍ଛେଦ ପକାଇ ବାପା ଟିକେ ବଡସ୍ୱରରେ କହିଉଠିଲେ ସେ ପେପରବାଲା କ'ଣ କରିବ? ସେ କ'ଣ ଏଠିକାର ବାସିନ୍ଦା ନା ତା'ର ଚିହ୍ନାଜଣା ଆମଠାରୁ ଅଧିକ। ତା'ପରେ ବି ଭଡାଘର ମିଳୁନି କାହିଁକି, ମିଳୁଛି ହେଲେ ଆମ ଉପଯୋଗୀ ନୁହେଁ। ଆମେ ଏଇ ଆଖପାଖରେ ଖୋଜୁଛୁ କାରଣ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ୍, ହସ୍ପିଟାଲ ଏଠୁ ମାତ୍ର ଅଳ୍ପ ବାଟ। ମୋ ଅଫିସ୍ ଆଉ ତୋ' କଲେଜ ଯିବାଆସିବା ପାଇଁ ସୁବିଧା ହେଉଛି। ପୁଅ ବି ବାପାଙ୍କ ସହିତ ଯୁକ୍ତି ଆରମ୍ଭ କଲା । ବାପା ଆରପଟ ଗଳିରେ କେଉଁଠି ଖାଲି ଘର ଅଛି ବୋଲି ପେପରବାଲା ଭାଇ କହୁଥିଲେ। ସକାଳ ସମୟରେ ଏମାନେ ବହୁତ ଘରେ ଖବରକାଗଜ ଦେଉଛନ୍ତି , ଲୋକସମ୍ପର୍କ କେମିତି ବା ନ ଥିବ। ପେପରବାଲା ଭାଇଙ୍କର ଜଣେ ସମ୍ପର୍କୀୟ ଭାଇ ଘରଭଡା ନେବେ ବୋଲି ସେ ବୁଝିଥିଲେ, ଠିକ ସମୟରେ ସେ ନେବାକୁ ମନା କରିଦେଲେ। ଘରଟା ଏବେ ଖାଲି ଅଛି। ଖୋଲା ଫାଙ୍କା ଫର୍ଚ୍ଛା ଜାଗାରେ ଘରଟା ଆଉ ଭଡା ବି ଆମ ବଜେଟ ଭିତରେ। ପେପରବାଲା ଭାଇ ମୋବାଇଲରେ ସେ ଘରମାଲିକଙ୍କ ସହିତ କଥାବାର୍ତ୍ତା କରେଇ ଦେଇଥାନ୍ତେ। ତମେ ବିରକ୍ତ ହେଲ ବୋଲି ମୁଁ ଚାଲି ଆସିଲି। ବାପା ଆଉ କିଛି ନ କହି ଚୁପ୍‌ଚାପ୍ ପେପର ଖେଳେଇବାକୁ ଲାଗିଲେ। ଲେଉଟି ଯାଉ ଯାଉ ପୁଅ ଗୁଣୁଗୁଣୁ ହେଉଥାଏ ଆଉ କେହି ଯଦି ଆଡଭାନ୍ସ ଦେଇଯାଏ ଆମ ହାତରୁ ସେ ଘର ବି ଚାଲିଯିବ। ପୁଅ ଗଲା ପରେ ଘର ଭିତରଟା ପୂରାପୂରି ନୀରବ ପଡିଗଲା। ଚେୟାରରୁ ଉଠିପଡି ବାପା ଦାଣ୍ଡ ଝରକା ବାଟେ କଲୋନୀ ରାସ୍ତାକୁ ଚାହିଁଲେ ରାସ୍ତାଟା ପୂରାପୂରି ଶୂନଶାନ୍ ପଡିଥାଏ। ନିଜ ଭୁଲ୍‌ଟାକୁ ବାପା ମନେ ମନେ ସ୍ୱୀକାର କଲେ। ଏଇ କିଛିକ୍ଷଣ ପୂର୍ବରୁ କହିଥିବା ଶବ୍ଦ ଗୁଡିକ ଏବେ ମୂଲ୍ୟହୀନ ନିରର୍ଥକ ପରି ମନେହେଲା। ଚେୟାରରେ ବସୁ ବସୁ ନଜର ପଡିଲା ଖବରକାଗଜରେ ଲେଖା ଥିବା ନୀତିଶିକ୍ଷାଟି ଉପରେ। ଲେଖାଟି ଥିଲା – 'ମଣିଷ ଭିତରେ ସେ ଅଟଇ ମଣିଷ। ଅନ୍ୟ ଉପକାରେ ଯିଏ ବିତାଏ ଜୀବନ।' ଦୀର୍ଘ ନିଃଶ୍ୱାସଟେ ପକାଇ ଚେୟାର ଦେହକୁ ଆଉଜି ପଡିଲେ। ଶୀତୁଆ ସକାଳର ହାଲୁକା ପବନ ଧୀରେ ଧୀରେ ପଶି ଆସୁଥାଏ ଘରଭିତରକୁ।

*ମଙ୍ଗଳାବାଗ, ନିୟୋଗି କଲୋନି, କଟକ–୧*

## ନରମ ଶିଳା

ଜୀବନର ଛଳନା ରୂପକ
ଚିରସ୍ରୋତା ନଈଟେ
ଯେବେ ପିଟି ହୁଏ
ହୃଦୟର ନରମ ଶିଳାରେ,

ଶିଳା ଭାଙ୍ଗି ଚୂର୍‌ମାର୍ ହୁଏ,
ନଷ୍ଟ ହୁଏ, ଆଉ କ୍ଷତାକ୍ତ ହୁଏ
ଏ ନର ଶରୀରେ।

ଛଳନା ଭରା ନଈର ବା କି ଦୋଷ ?
ସୁଖ ଥିଲେ ଦୁଃଖ ଅଛି
ଖୁସି ଥିଲେ କୋହ ଅଛି
ହସ ଥିଲେ ଲୁହ ଅଛି
ସେମିତି,
ହୃଦୟ ଥିଲେ
ତାକୁ ଆଘାତ ଦବାକୁ
ଛଳନା ବି ଅଛି।
କିନ୍ତୁ,
କେବେ କିଏ ବୁଝିଛ ଶିଳାର
ଦୁଃଖ, କେବେ କିଏ ପଚାରିଛ
ତା' କୋହ ? ?

କେବେ କିଏ ପ୍ରବାହିଛ
ସ୍ନେହଭରା ଶୀତଳ ଢେଉ,
ଗୋଳିଆ ହେଉ ପଛେ
ପ୍ରବାହିଛ କି ପ୍ରେମର ସୁଅ ? ?

ନା ! !

ଚିର ଅଲୋଡ଼ା ସିଏ,
ଠିକ୍ ଗୋଟେ ପଳାଶ ପରି
କାହିଁକି ନା କାହା ପାଖରେ
ଏଠି ସମୟ ହିଁ ନାହିଁ।

– ନାରାୟଣ ସାହୁ
ଚଣ୍ଡିଖୋଲ, ଯାଜପୁର,

## ପ୍ରିୟତମ

ତୁମେ ମାଗିଲ ଦେହ
ମୁଁ ଦେଲି ମନ
ତୁମେ ମାଗିଲ ଉପହାର
ମୁଁ ଦେଲି ସମ୍ମାନ
ମୁଁ ମାଗିଲି ଟିକେ ସ୍ନେହ ଆଉ ବିଶ୍ୱାସ
ତୁମେ ଦେଲ ଖାଲି ଅପମାନ ଆଉ
ଅପମାନ
ତଥାପି ତୁମେ ମୋର ହୃଦୟରେ ଚିରକାଳ
ରହିଥିବ ବିଦ୍ୟମାନ ।

–ଶୁଭେନ୍ଦୁ ସାହୁ
ଜଟଣୀ, ଖୋର୍ଦ୍ଧା

## ଜୀବନ

ମରିଚିକା ପଛରେ ଧାଇଁ ଧାଇଁ
ଶେଷରେ ଜଳ ମିଳିଲା
ଜଳପାନ କରି
ପରମ ତୃପ୍ତି ଲାଭ ହେଲା
ଦେହ ଥିଲା, କିନ୍ତୁ
ଛାଇ ନ ଥିଲା।

ସ୍ୱପ୍ନ ପଛରେ ଧାଇଁ ଧାଇଁ
ଶେଷରେ ସ୍ୱପ୍ନ ସତ ହେଲା
ଜୀବନ ଚରିତାର୍ଥର
ପରମ ଆନନ୍ଦ ମିଳିଲା
ଜୀବନ ଥିଲା, କିନ୍ତୁ
ଦେହ ନ ଥିଲା।

–ଜଗନ୍ନାଥ ପ୍ରଧାନ
କେଳାକଟା, ବୌଦ୍ଧ




ଆମୀର

# କୁକିଂରେ ମନ

ଲକ୍ ଡାଉନ୍ ସମୟରେ ଆଲିୟା କୁକିଂ ଶିଖୁଛନ୍ତି। ଯେହେତୁ ଶୁଟିଂ ନାହିଁ ତେଣୁ ଘରେ ହିଁ ରହିବାକୁ ପଡୁଛି। ତେଣୁ ଏହି ସମୟରେ ସେ ରୋଷେଇ ଶିଖିବାରେ ନିଜକୁ ନିୟୋଜିତ କରିଛନ୍ତି। ମନ ପସନ୍ଦର ଖାଦ୍ୟ ରୋଷେଇ କରୁଛନ୍ତି ଏବଂ ନୂଆ ନୂଆ ଡିସ୍ କିପରି ରୋଷେଇ କରିପାରିବେ ତାହା ମଧ୍ୟ ଶିଖୁଛନ୍ତି। ଏ ନେଇ ଆଲିୟା କହନ୍ତି, 'କୁକିଂ ପ୍ରତି ମୋର ବେଶ୍ ଦୁର୍ବଳତା ରହିଛି। ଏବେ ତ ଲକ ଡାଉନ୍ ପାଇଁ କୁଆଡେ ଯାଇହେଉନାହିଁ। ତେଣୁ ଘରେ ବସିବା ଅପେକ୍ଷା କିଛି କାମ କଲେ କ୍ଷତି କ'ଣ ? ଘରେ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରୁଛି। ଲକ୍ ଡାଉନ୍ ଉଠିବା ପରେ ମୋର ନିର୍ମାଣାଧିନ ଫିଲ୍ମ 'ଗାଙ୍ଗୁବାଈ କାଠିଆୱାଡି'ର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି। ତେଣୁ ଏ ନେଇ ନିଜକୁ ଏବେଠାରୁ ପ୍ରସ୍ତୁତ କରିବାକୁ ପଡିବ।' ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସଞ୍ଜୟ ଲୀଳା ଭସାଁଲି।


ଆଲିୟା

# ପାନୁଆ ଆମୀର

ଥରେ ମନେ ପକାନ୍ତୁ ନା 'ପିକେ'ରେ ଆମୀର ଖାଁଙ୍କର ସେହି କୌତୁହଳପୂର୍ଣ୍ଣ ଭୂମିକାକୁ। ଏହି ସିନେମାରେ ସେ ପାନ ଖାଉଥିବାର ଦେଖିବାକୁ ମିଳିଥିଲା। କିନ୍ତୁ ଏପରି ଏକ ଭୂମିକାକୁ ତୁଲାଇବାକୁ ତାଙ୍କୁ ବେଶ୍ କିଛି ପରିଶ୍ରମ କରିବାକୁ ପଡିଥିଲା। ସେ କେବେ ପାନ ଖାଆନ୍ତି ନାହିଁ, ପୁଣି ଏପଟେ ପାନୁଆ ଭୂମିକା। ପାନକୁ କିପରି ଠିକ୍ ଭାବରେ ଚୋବାଇବାକୁ ପଡିବ ଆଉ ଓଠ ନାଲି ଦେଖାଯିବ ସେଥିପାଇଁ ସେତେବେଳେ ଆମୀର ଦିନକୁ ୧୦-୧୫ଟି ପାନ ଖାଉଥିଲେ। ଏପରି କି ଏଥିପାଇଁ 'ପିକେ'ର ଶୁଟିଂ ସେଟ୍‌ରେ ଏକ ପାନ ଦୋକାନ ଖୋଲାଯାଇଥିଲା।

# ଅକ୍ଷୟଙ୍କ ସଜବାଜ

ବଲିଉଡ୍‌ର ଖିଲାଡି ମାଷ୍ଟର ଅକ୍ଷୟ କୁମାର ଏବେ ଗୋଟିଏ କାମରେ ବ୍ୟସ୍ତ। କଥା କ'ଣ କି ଏବେ ତ ଲକ୍ ଡାଉନ୍ ପାଇଁ ଶୁଟିଂ ବନ୍ଦ ରହିଛି। ତେଣୁ ଏହି ସମୟରେ ସେ ଏକ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? କାହାଣୀ ଖୋଜିବା। କାରଣ ଲକ୍ ଡାଉନ୍ ଉଠିବା ପରେ ପରେ ଶୁଟିଂ ଆରମ୍ଭ ହେବାର ସମ୍ଭାବନା ରହିଛି। ତେଣୁ ଏବେଠାରୁ ହୋମ୍ ବ୍ୟାନରରେ ସେ ଏକ ସିନେମା ନିର୍ମାଣ କରିବାକୁ ଚିନ୍ତା କରୁଛନ୍ତି। ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ କରୋନା ଜନସଚେତନତାକୁ ନେଇ ଏକ ବିଜ୍ଞାପନ ଶୁଟିଂ କରାଯାଇଛି। ଏଥିରେ ଅକ୍ଷୟ କୁମାର ଅଭିନୟ କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଆର. ବାଲ୍‌କି। ଏ ସମ୍ପର୍କରେ ଅକ୍ଷୟ କହନ୍ତି, 'ବର୍ତ୍ତମାନ ମୁଁ ଏକ ଭଲ କାହାଣୀ ସନ୍ଧାନରେ ରହିଛି। ମୋର ଆଗାମୀ ସିନେମାର ନିର୍ଦ୍ଦେଶନା ଦେବାକୁ ଆର. ବାଲକି ଆପାତତଃ ରାଜି ହୋଇଛନ୍ତି। ଏହି ପ୍ଲାନିଂ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି।'


ଅକ୍ଷୟ

# ଦିନ ଗଣୁଛନ୍ତି ରଣବୀର

ରଣବୀର ସିଂ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ତାଙ୍କ ଅଭିନୀତ ବାୟୋପିକ୍ '୮୩' ଜୁନ୍ ୨୫ରେ ରିଲିଜ ହେବ ବୋଲି ଶୁଣିବାକୁ ମିଳୁଛି। ପ୍ରଥମେ ଏହି ଫିଲ୍ମଟି ଚଳିତବର୍ଷ ଏପ୍ରିଲ ୧୦ରେ ରିଲିଜ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ କରୋନା ପାଇଁ ଏହାକୁ ସ୍ଥଗିତ ରଖାଯାଇଥଲା। ଏବେ ପ୍ରଯୋଜନା ସଂସ୍ଥା ଏହି ଫିଲ୍ମଟିକୁ ଜୁନ୍ ୨୫ରେ ରିଲିଜ କରିବାକୁ ସ୍ଥିର କରିଛି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ରଣବୀର କହନ୍ତି, ପ୍ରଡକ୍ସନ ହାଉସ ପକ୍ଷରୁ ଏ ନେଇ ଖୁବ୍ ଶୀଘ୍ର ଘୋଷଣା କରାଯିବ। ଲକ୍ ଡାଉନ୍ ଉଠିବା ପରେ ଏହା ରିଲିଜ ହେବା ପ୍ରାୟ ନିଶ୍ଚିତ।' ଭାରତକୁ ପ୍ରଥମ ବିଶ୍ୱକପ କ୍ରିକେଟ ଚାମ୍ପିୟନ ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ନିର୍ମିତ ହୋଇଛି, ଯାହାର ନିର୍ଦ୍ଦେଶନା ଦେଇଛନ୍ତି କବୀର ଖାଁ।


ଦୀପିକା

# ସେହି ଚାରି ବର୍ଷ..

ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଦୀପିକା ପାଦୁକୋନ୍ ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। ହେଲେ ଯେତେବେଳେ ସେ ବମ୍ବେ ଆସିଲେ ପ୍ରଥମେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ଏପରିକି ମଡେଲିଂର ସେହି ପ୍ରଥମ ଚାରି ବର୍ଷକୁ ସେ ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। ପରେ ସେ ଏକ ନାମୀ ସାବୁନ୍ କମ୍ପାନୀର ବିଜ୍ଞାପନ ପାଇଁ କାମ କରିବା ପରେ ଭାଗ୍ୟ ଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ପରେ ବିଜ୍ଞାପନ ଜଗତରେ ସେ ଜଣେ ସଫଳ ମଡେଲ ଭାବରେ ନିଜକୁ ପରିଚିତ କରାଇପାରିଥିଲେ। ଫାରହା ଖାଁଙ୍କ 'ଓମ୍ ଶାନ୍ତି ଓମ୍'ରେ ଦୀପିକାଙ୍କୁ ବ୍ରେକ୍ ମିଳିଥିଲା। କିନ୍ତୁ ଏହାର ଶୁଟିଂ ସମୟରେ ସେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଦୀପିକା କହନ୍ତି, 'ଯେହେତୁ ଏହା ମୋର ପ୍ରଥମ ଫିଲ୍ମ ଥିଲା, ତେଣୁ ଆକ୍ଟିଂରେ କିଛିଟା ଭୁଲଭଟକା ରହୁଥିଲା। ତାହା ଦେଖି ନିର୍ଦ୍ଦେଶିକା ମୋତେ କେତେଥର ଗାଳି ଦେଇଥିଲେ। ଏପରି କି ମୁଁ ଥରେ ଶୁଣିବାକୁ ପାଇଲି ଯେ ସେ ମୋତେ ଏହି ଫିଲ୍ମର କାଷ୍ଟିଂରୁ ଆଉଟ୍ କରିବାକୁ ସ୍ଥିର କରିଥିଲେ, ହେଲେ ବାସ୍ତବରେ ସେମିତି କିଛି ହୋଇ ନ ଥିଲା। ତା'ପରେ ମୁଁ ଅନୁପମ ଖେର ଆକ୍ଟିଂ ସ୍କୁଲରେ ଅଭିନୟ ଶିଖିଥିଲି।'

ଦୀପା



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ରିଚାର୍ଜ

ଯୁବକ ରାସ୍ତାରେ ଯାଉଥିବା ଜଣେ ଯୁବତୀଙ୍କୁ- ମ୍ୟାଡମ୍ ଏଠି ମୋବାଇଲ୍ ରିଚାର୍ଜ କରିବା ଦୋକାନ କେଉଁଠି ଅଛି ?

ଯୁବତୀ- ମୁଁ ଜାଣିନି।

ଯୁବକ- ଆପଣ ଏଇଠି ରୁହନ୍ତି ତ ?

ଯୁବତୀ- ହଁ

ଯୁବକ- ତେବେ ଜାଣି ନାହାନ୍ତି କେମିତି ?

ଯୁବତୀ- ମୋ ମୋବାଇଲ୍‌କୁ ତ ମୋ ପ୍ରେମିକମାନେ ରିଚାର୍ଜ କରି ଦିଅନ୍ତି। ମୁଁ କେମିତି ଜାଣିବି ଯେ।

## ମୋଟି

ମହିଳା ଡାକ୍ତରଙ୍କୁ- ଆଜ୍ଞା, ମୁଁ ଦିନକୁ ଦିନ ମୋଟି ହେଇ ଯାଉଛି କ'ଣ କରିବି ?

ଡାକ୍ତର- ଗୋଟେ କାମ କରିବ, ମୁଣ୍ଡକୁ ବାମ ଏବଂ ଡାହାଣକୁ ହଲେଇବ।

ମହିଳା- କେତେବେଳେ ?

ଡାକ୍ତର- ଯେତେବେଳେ କେହି କିଛି ଖାଇବାକୁ କହିବେ।

## ପରଦା

ସ୍ତ୍ରୀ ସ୍ୱାମୀଙ୍କୁ- ହେଇଟି ଆମର ଏଇ ଝରକାରେ ପରଦାଟେ ଲଗେଇ ଦିଅ।

ସ୍ୱାମୀ- କାହିଁକି ?

ସ୍ତ୍ରୀ-ଜାଣିଛ, ଯୋଉ ନୂଆ ପଡୋଶୀ ଆସିଛନ୍ତି ସେ ଖାଲି ଝରକା ବାଟେ ମତେ ଲୁଚି ଲୁଚି ଦେଖିବାକୁ ଚେଷ୍ଟା କରୁଛନ୍ତି।

ସ୍ୱାମୀ- ବ୍ୟସ୍ତ ହୁଅନି। ସେ ଥରେ ଖାଲି ତମକୁ ଭଲରେ ଦେଖିଦେଉ। ଆମକୁ ଆଉ ପରଦା ଲଗେଇବାକୁ ପଡିବନି। ସେ ନିଜେ ତା ଝରକାରେ ପରଦା ଲଗେଇ ଦେବ।

# ଯାଆଁଳାଙ୍କ ସହର



ଯାଆଁଳା ସନ୍ତାନ ଜନ୍ମନେବା ଏକ ନୂଆ ଘଟଣା ନୁହେଁ। ଖୋଜିଲେ ବିଶ୍ୱର ଅନେକ ସ୍ଥାନରେ ଯାଆଁଳା ସନ୍ତାନଙ୍କୁ ଖୋଜି ପାଇବା। ତେବେ ଏଠାରେ ଯେଉଁ କଥାଟି କୁହାଯାଉଛି ତାହା ନିଶ୍ଚିତ ଭାବରେ ଏକ ଚମକେଇ ଦେବା ପରି ଖବର। ଘଟଣାଟି ଆମ ଭାରତ ବର୍ଷର। ଆମ ଭାରତ ବର୍ଷରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି କେବଳ ଯାଆଁଳା ସନ୍ତାନ ହିଁ ଜନ୍ମଗ୍ରହଣ କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ଏପରି କ'ଣ ପାଇଁ ହେଉଛି ଅର୍ଥାତ୍ ଗୋଟିଏ ସ୍ଥାନରେ କିଭଳି ସବୁବେଳେ ଯାଆଁଳା ପିଲା ଜନ୍ମ ନଉଛନ୍ତି ତାହାକୁ ନେଇ ଗବେଷଣା ହୋଇଛି। ମାତ୍ର ଫଳ କିଛି ମିଳିନାହିଁ। ଡାକ୍ତରମାନେ ଏହାର ଉତ୍ତର ଦେଇପାରିନାହାନ୍ତି। ସେହିଭଳି ଗବେଷକମାନେ ଏହାକୁ ଏକ ମିରାକ୍ଲ ବୋଲି କହି ନୀରବ ରହିଯାଇଛନ୍ତି।

**ଗାଁର ନାଁ କୋଡ଼ିନି :** ଯେଉଁ ଗାଁକୁ ଯାଆଁଳାଙ୍କ ସହର ବୋଲି କୁହାଯାଉଛି ସେହି ଗାଁର ନାମ କୋଡ଼ିନି। କେରଳ ମାଲାପୁରମ୍ ଜିଲାରେ ଅବସ୍ଥିତ ଗୋଟିଏ ଗାଁ। ଏହାର ନିକଟତମ ସହର ହେଉଛି ତିରୁରଙ୍ଗଡ଼ି। ୨୦୦୮ ଜନଗଣନା ଅନୁଯାୟୀ ଏହିଁ ଗାଁରେ ରହନ୍ତି ୨ହଜାର ପରିବାର। ତଥ୍ୟ ଅନୁଯାୟୀ ଏଠାରେ ମୁସ୍‌ଲିମ୍ ଧର୍ମାବଲମ୍ବୀଙ୍କ ସଂଖ୍ୟା ଅଧିକ। ଏହି ଗାଁର ବିଶେଷତା ହେଉଛି ଏଠାରେ ସର୍ବାଧିକ ଯମଜ ସନ୍ତାନ ଜନ୍ମ ହୋଇଥାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଗାଁରେ ୫୦୦ ଯୋଡ଼ା ଯାଆଁଳା ସନ୍ତାନ ରହିଛନ୍ତି।





**ଯାଆଁଳାରେ ରେକର୍ଡ :** ଯଦି ବିଶ୍ୱ ପରିପ୍ରେକ୍ଷୀରେ ଭାରତରେ ଜନ୍ମିତ ଯାଆଁଳା ଶିଶୁମାନଙ୍କର ରେକର୍ଡ ନିଆଯାଏ ତା'ହେଲେ ଏକ ବିଚିତ୍ର ତଥ୍ୟ ଦେଖିବାକୁ ମିଳିବ। ବିଶ୍ୱ ତୁଳନାରେ ଭାରତରେ ଯାଆଁଳା ଶିଶୁଙ୍କ ଜନ୍ମର ଅନୁପାତ ବହୁତ କମ୍। ପ୍ରତି ହଜାରେ ଜଣରେ ଭାରତରେ ମାତ୍ର ୯ ଯୋଡ଼ା ଯାଆଁଳା ଶିଶୁ ଜନ୍ମ ହୋଇଥାନ୍ତି। ହେଲେ କେରଳର କୋଡ଼ିନି ଗ୍ରାମଟିର ଏହି ପରିସଂଖ୍ୟାନ ସହିତ କୌଣସି ସମ୍ପର୍କ ନାହିଁ। କୋଡ଼ିନିର ପରିସଂଖ୍ୟାନ ହେଉଛି ଏଠାରେ ପ୍ରତି ହଜାରେ ଶିଶୁରେ ୪୫ ଯୋଡ଼ା ଯାଆଁଳା ଶିଶୁ ଜନ୍ମ ହୋଇଥାନ୍ତି। ଯାଆଁଳା ଶିଶୁ ଜନ୍ମ କ୍ଷେତ୍ରରେ ଏହା ହେଉଛି ଏକ ବିଶ୍ୱ ରେକର୍ଡ।

**ଅଲୌକିକତା :** ଏହି ଗାଁରେ କେବଳ ଯାଆଁଳା ପିଲା ଜନ୍ମ ହୁଅନ୍ତି ନାହିଁ। ଅଧିକନ୍ତୁ କେତେକ ମହିଳାଙ୍କ ଗର୍ଭରୁ ଏକସଙ୍ଗେ ତିନୋଟି ପିଲା ଜନ୍ମ ହୋଇଥିବାର ରେକର୍ଡ ମଧ୍ୟ ରହିଛି। ତେବେ ସବୁଠୁ ମଜାର କଥା ହେଉଛି ଯେଉଁ ଝିଅମାନେ ବାହାର ଗ୍ରାମରୁ କୋଡ଼ିନିକୁ ବୋହୂ ହୋଇ ଆସନ୍ତି ସେମାନେ ତ ଯାଆଁଳା ଶିଶୁ ଜନ୍ମ ଦିଅନ୍ତି। ପୁଣି ଯେଉଁମାନେ କୋଡ଼ିନ ଛାଡ଼ି ଅନ୍ୟ ଗାଁର ଯୁବକଙ୍କୁ ବିବାହ କରି ଯାଆନ୍ତି ସେମାନଙ୍କଠାରୁ ମଧ୍ୟ ଯାଆଁଳା ବା ତିନୋଟି ପିଲା ଜନ୍ମ ହୋଇଥାନ୍ତି। କୋଡ଼ିନିର ଲୋକମାନଙ୍କ ପାଇଁ ଏହା ଏକ ବିସ୍ମୟ ନୁହେଁ ; ଅଲୌକିକତା। ତେବେ ଡାକ୍ତରମାନେ କହନ୍ତି ଯେ, ହୁଏତ କୋଡ଼ିନିର ଜଳରେ ତଥା ବାୟୁମଣ୍ଡଳରେ ଏମିତି କିଛି ଅଦ୍ଭୁତ ରାସାୟନିକ ରହିଛି, ଯାହା ଏଠାକାର ନାରୀ ପୁରୁଷର ପ୍ରଜନନ ଚକ୍ରକୁ ପ୍ରଭାବିତ କରୁଛି। ସେ ଯାହା ବି ହେଉ କୋଡ଼ିନିରେ ୧୯୪୯ ମସିହାରେ ପ୍ରଥମ ଯାଆଁଳା ଶିଶୁ ଜନ୍ମ ହୋଇଥିଲେ। ତା'ପରଠାରୁ ଏହାର ସଂଖ୍ୟା ବଢ଼ିବଢ଼ି ଚାଲିଛି।

**ଅନ୍ତର୍ଜାତୀୟ ସ୍ତରର ଗବେଷଣା :** କୋଡ଼ିନି କେରଳର ଏକ ଛୋଟ ଗାଁ। ମାତ୍ର ଏହା ସବୁବେଳେ ଅନ୍ତର୍ଜାତୀୟ ଗବେଷକଙ୍କ ନଜରରେ। ଭାରତ, ଆମେରିକା ଏବଂ ଜର୍ମାନୀର ମିଳିତ ବିଶେଷଜ୍ଞ ଦଳ ଏହା ଉପରେ ପୁଙ୍ଖାନୁପୁଙ୍ଖ ଗବେଷଣା କରିଛନ୍ତି। ଯାଆଁଳା ପିଲାମାନଙ୍କର ରକ୍ତ ତଥା ସ୍ୱାବ ସଂଗ୍ରହ କରାଯାଇଛି। ସେମାନଙ୍କର ଡିଏନ୍‌ଏ ସଂଗ୍ରହ କରାଯାଇ ଯାଆଁଳା ଶିଶୁ ଜନ୍ମ ହେବାର କାରଣ ଖୋଜାଯାଇଛି। ମାତ୍ର କୌଣସି ସୁଫଳ ମିଳିନାହିଁ। ଅନ୍ତର୍ଜାତୀୟ ସ୍ତରର ଗବେଷକମାନେ ଏହି ମତ ରଖିଛନ୍ତି ଯେ, କୋଡ଼ିନିକୁ ନେଇ ଆମେ କେବଳ ଅନୁମାନ ସ୍ତରରେ ଅଟକି ରହିଛୁ। କୌଣସି ଗବେଷଣା ଆମକୁ ଏକ ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ପହଞ୍ଚାଇ ନାହିଁ।






ବ୍ୟାକ୍ ପେଜ୍








# ସାନ ଭାଇର ସ୍ୱାଗତ ପାଇଁ...

**ଭା**ଇ ଭାଇ ଭିତରର ପ୍ରେମ ବେଶ୍ ନିବିଡ । ଝଗଡା, ମାର୍‌ପିଟ୍ ଭିତରେ ବି ସେମାନଙ୍କ ଭଲ ପାଇବା ଅତୁଟ ଥାଏ । ଠିକ୍ ଯେମିତି ଆମେରିକା, ଲୁଇସିୟାନାର ଦୁଇ ଭାଇଙ୍କ ଭଲ ପାଇବା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ୧୭ ବର୍ଷୀୟ ବଡ ଭାଇ ନୋଆ ଟିଙ୍ଗଲେ ହାଇସ୍କୁଲ ଛାତ୍ର ଅଟନ୍ତି । ୧୨ ବର୍ଷର ସାନ ଭାଇ ମାକ୍ସ ଯେବେ ସ୍କୁଲରୁ ଫେରେ ନୋଆ ବିଭିନ୍ନ ପ୍ରକାରର କଷ୍ଟ୍ୟୁମ୍ ପିନ୍ଧି ମଜାଦାର ଢଙ୍ଗରେ ତାକୁ ସ୍ୱାଗତ କରନ୍ତି । ପ୍ରଥମେ ନୋଆ ସାଣ୍ଟା ପୋଷାକ ପିନ୍ଧି ସାନ ଭାଇ ମାକ୍ସକୁ ସ୍ୱାଗତ କରିଥିଲେ । ଏହାପରଠାରୁ ସେ ବିଭିନ୍ନ ପ୍ରକାରର ଗେଟ୍‌ଅପ୍‌ରେ ଭାଇକୁ ସ୍ୱାଗତ କରୁଛନ୍ତି । ପ୍ରଥମେ ସାନ ଭାଇ ମାକ୍ସକୁ ବଡ଼ ଭାଇଙ୍କର ଏଭଳି ସ୍ୱାଗତ କରିବା ଭଲ ଲାଗୁ ନ ଥିଲା । ଲାଜ ଲାଗୁଥିଲା । ଏବେ କିନ୍ତୁ ସେ ଏହାକୁ ଉପଭୋଗ କରୁଛନ୍ତି । ଅନ୍ୟମାନେ ବି ବେଶ୍ ପ୍ରଶଂସା କରୁଛନ୍ତି । ନୋଆ କହନ୍ତି, 'ଆଗାମୀ ବର୍ଷ ମୁଁ କଲେଜରେ ପଢିବି । ଆଉ ସାନ ଭାଇ ଫେରିବା ସମୟରେ ତାକୁ ଦେଖିପାରିବି ନାହିଁ । ତେଣୁ ଏହି ସମୟକୁ ସ୍ମରଣୀୟ କରିବା ଲାଗି ମୁଁ ଏଭଳି ଏକ ଉପାୟ ଆପଣେଇଲି ।'

## କାର୍ଟୁନ କର୍ନର

